# NATIONAL NEWS BULLETIN (ODIA)

## 18 March - 2026

## Mid Bulletin : 1.50 p.m.

---

## ମୁଖ୍ୟ ସମ୍ବାଦ

- ରାଜ୍ୟସଭାରେ କାର୍ଯ୍ୟକାଳ ଶେଷ ହୋଇଥିବା ୫୯ ଜଣ ସଦସ୍ୟଙ୍କୁ ଆଜି ପ୍ରଦାନ କରାଗଲା ବିଦାୟ ସମ୍ବର୍ଦ୍ଧନା

–ସଂସଦୀୟ ଗଣତନ୍ତ୍ର ପ୍ରତି ସଦସ୍ୟଙ୍କର ଅବଦାନ ସ୍ମରଣୀୟ ହୋଇ ରହିବ, କହିଲେ ପ୍ରଧାନମନ୍ତ୍ରୀ

- ଏକ ରାଷ୍ଟ୍ର ଏକ ନିର୍ବାଚନ ସମ୍ବନ୍ଧୀୟ ମିଳିତ ସଂସଦୀୟ କମିଟିର ବୃଦ୍ଧି ପାଇଲା କାର୍ଯ୍ୟକାଳ

- ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବିମାନଗୁଡ଼ିକରେ ଅତିକମ୍‌ରେ ୬୦ ପ୍ରତିଶତ ସିଟ୍ ନିଃଶୁଳ୍କ ଆବଣ୍ଟନ ଚୟନ ବ୍ୟବସ୍ଥା ରଖିବାକୁ ନିର୍ଦ୍ଦେଶ ଦେଲେ ସରକାର

- ଇନ୍ଦୋର ଓ ଦିଲ୍ଲୀରେ ଆଜି ପୃଥକ୍ ପୃଥକ୍ ଅଗ୍ନିକାଣ୍ଡ ଘଟଣାରେ ୧୪ ଜଣଙ୍କର ମୃତ୍ୟୁ

ଏବଂ

- ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର ଜାରି କଲା ପରାମର୍ଶବଳୀ

# ରାଜ୍ୟସଭା ଫେୟାରୱେଲ୍

ରାଜ୍ୟସଭାରେ ଆଜି କାର୍ଯ୍ୟକାଳ ଶେଷ ହୋଇଥିବା ୨ ଜଣ ମହିଳା ସଦସ୍ୟଙ୍କ ସହିତ ୨୦ଟି ରାଜ୍ୟର ୫୯ଜଣ ସଦସ୍ୟଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସଂସଦୀୟ ଗଣତନ୍ତ୍ର ପ୍ରତି ସେମାନଙ୍କର ଅବଦାନ ସ୍ମରଣୀୟ ହୋଇ ରହିବ । ସଦସ୍ୟମାନେ ଗୃହରେ ଆଲୋଚନା ହୋଇଥିବା ଅନେକ ପ୍ରସଙ୍ଗ ଉପରେ ସେମାନଙ୍କର ଅବଦାନ ପ୍ରଦାନ କରିଛନ୍ତି ।

**V/O**

ଅବସର ଗ୍ରହଣ କରିଥିବା ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶଙ୍କ ସଂପର୍କରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ସର୍ବଦା ଗୃହର କାର୍ଯ୍ୟ ପରିଚାଳନା ସମୟରେ ସେ ସମସ୍ତଙ୍କର ବିଶ୍ୱାସଭାଜନ ହେବାକୁ ନିଜର ପ୍ରୟାସ ଜାରି ରଖିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଅନ୍ୟ ସଦସ୍ୟ ଏଚ୍.ଡି ଦେବେଗୌଡ଼ା, ମଲ୍ଲିକାର୍ଜୁନ ଖଡ୍‌ଗେ ଓ ଶରଦ ପାୱାର ପ୍ରମୁଖ ଗୃହରେ ସେମାନଙ୍କର ମୂଲ୍ୟବାନ ଅବଦାନ ଦେଇଥିବା ଯୋଗୁଁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ଗୃହର ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ସଦସ୍ୟମାନଙ୍କୁ ବିଦାୟୀ ବାର୍ତ୍ତା ପ୍ରଦାନ କରି କହିଛନ୍ତି ଏହାକୁ ନୂତନ ଦାୟିତ୍ୱ ଏବଂ ସାର୍ବଜନୀନ ଭୂମିକାର ଆରମ୍ଭ ଭାବେ ଗ୍ରହଣ କରାଯିବା ଉଚିତ । ଗୃହର ବିରୋଧୀ ଦଳ ନେତା ତଥା କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ନିଜ ବିଦାୟୀ ଭାଷଣରେ କହିଛନ୍ତି, ସେ ସର୍ବଦା ଅନ୍ୟ ସଦସ୍ୟଙ୍କଠାରୁ କିଛି ଶିଖିବା ସହିତ ଗୃହର ସମସ୍ତ କାର୍ଯ୍ୟରେ ଯୋଗଦେବାକୁ ଚେଷ୍ଟା କରିଛନ୍ତି ।

# ଏଲ୍‌ଏସ୍-ଓ୍ୱାନ୍ ନେସନ୍ ଓ୍ୱାନ୍ ଇଲେକ୍ସନ

ଏକ ରାଷ୍ଟ୍ର ଏକ ନିର୍ବାଚନ ସମ୍ବନ୍ଧୀୟ ମିଳିତ ସଂସଦୀୟ କମିଟିର କାର୍ଯ୍ୟକାଳ ବୃଦ୍ଧି କରାଯାଇଛି । ଲୋକସଭାର ଆଗାମୀ ମୌସୁମୀ ଅଧିବେଶନର ଶେଷସପ୍ତାହର ପ୍ରଥମ ଦିନ ପର୍ଯ୍ୟନ୍ତ ସମୟସୀମା ବୃଦ୍ଧି ହୋଇଛି । କମିଟିର ଅଧ୍ୟକ୍ଷ ପି.ପି. ଚୌଧୁରୀ ଏ ସଂକ୍ରାନ୍ତ ଏକ ପ୍ରସ୍ତାବ ଗୃହରେ ଆଗତ କରିଥିଲେ । ବାଚନିକ ଭୋଟ୍‌ରେ ପ୍ରସ୍ତାବ ଗୃହରେ ପାରିତ ହୋଇଛି । ଲୋକସଭା ଏବଂ ରାଜ୍ୟ ବିଧାନସଭା ଗୁଡ଼ିକରେ ଏକକାଳୀନ ନିର୍ବାଚନ ପ୍ରଚଳନ କରିବା ନେଇ ପ୍ରସ୍ତାବିତ ବିଲ୍ ଉପରେ ମିଳିତ ସଂସଦୀୟ କମିଟି ବିଚାର ବିମର୍ଶ କରୁଛି ।

# ଏଲ୍‌ଏସ୍-ବନ୍ଦେ ଭାରତ

ଯାତ୍ରୀ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ବନ୍ଦେ ଭାରତ ଟ୍ରେନ୍‌ଗୁଡ଼ିକରେ ଉନ୍ନତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ଲେକସଭାରେ ଆଜି ପ୍ରଶ୍ନକାଳରେ ଉତ୍ତର ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ବନ୍ଦେ ଭାରତ ଏକ୍ସପ୍ରେସ୍ ଟ୍ରେନ୍‌ରେ ଆଣ୍ଟି କ୍ଲାଇମ୍ବିଂ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି । ଦୁର୍ଘଟଣାକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ସ୍ୱଦେଶୀ ଭାବରେ ବିକଶିତ 'କବଚ' ସ୍ୱୟଂଚାଳିତ ସୁରକ୍ଷା ପ୍ରଣାଳୀକୁ କାର୍ଯ୍ୟକାରୀ କରାଯାଇଛି । କେତେକ ସ୍ଥାନରେ ରେଳପଥର ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ ଦିଆଯିବା ସହ ଉଚ୍ଚକ୍ଷମତାସଂପନ୍ନ କ୍ୟାମେରା ଲଗାଯାଇଛି । ରେଳ ପ୍ରକଳ୍ପ ଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ରାଜ୍ୟଗୁଡ଼ିକୁ ଅନୁରୋଧ କରାଯାଇଥିବା ଶ୍ରୀ ବୈଷ୍ଣବ ଗୃହରେ ସୂଚନା ଦେଇଛନ୍ତି ।

# ମୋକା-ଡିଜିସିଏ

ଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବିମାନଗୁଡ଼ିକରେ ସର୍ବନିମ୍ନ ୬୦ ପ୍ରତିଶତ ସିଟ୍‌ରେ ନିଃଶୁଳ୍କ ଆବଣ୍ଟନ ଚୟନ ପ୍ରକ୍ରିୟା କାର୍ଯ୍ୟକାରୀ କରିବାକୁ ସରକାର ବିମାନ ଚଳାଚଳ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ବିମାନ ସେବା ମନ୍ତ୍ରଣାଳୟ ଆଜି ବିମାନ ସେବା ମହାନିର୍ଦ୍ଦେଶାଳୟ ମାଧ୍ୟମରେ ଏ ସଂକ୍ରାନ୍ତ ଏକ ନିର୍ଦ୍ଦେଶନାମା ଜାରି କରିଛି । ଏଭଳି ପଦକ୍ଷେପ ଯାତ୍ରୀଙ୍କ ସୁବିଧା, ଯାତ୍ରା ସ୍ୱଚ୍ଛତା ଏବଂ ସମାନତାକୁ ସୁଦୃଢ଼ କରିବ ବୋଲି କୁହାଯାଇଛି ।

କ୍ରୀଡ଼ା ଉପକରଣ ଏବଂ ବାଦ୍ୟଯନ୍ତ୍ର ଆଦି ପରିବହନକୁ ସ୍ୱଚ୍ଛ ଓ ଯାତ୍ରୀ ଅନୁକୂଳ ଉପାୟରେ ସରଳ କରାଯିବାକୁ ପରାମର୍ଶ ଦିଆଯାଇଛି । ପାଳିତ ପଶୁ ପରିବହନ ପାଇଁ ସ୍ପଷ୍ଟ ଏବଂ ସ୍ୱଚ୍ଛ ନୀତି ପ୍ରବର୍ତ୍ତନ କରିବାକୁ ମହାନିର୍ଦ୍ଦେଶାଳୟ ବିମାନ ସେବା ଯୋଗାଣକାରୀ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛି । ବିମାନସେବା ପ୍ରଦାନକାରୀ କମ୍ପାନିଗୁଡ଼ିକ ପକ୍ଷରୁ ଯାତ୍ରୀଙ୍କ ଅଧିକାର ସଂପର୍କିତ ସୂଚନାବଳୀ ୱେବ୍‌ସାଇଟ୍, ମୋବାଇଲ୍ ଆପ୍, ବୁକିଂ ପ୍ଲାଟଫର୍ମ ଏବଂ ବିମାନ ବନ୍ଦର କାଉଣ୍ଟରରେ ପ୍ରଦର୍ଶନ କରାଯିବାକୁ ମହାନିର୍ଦ୍ଦେଶାଳୟ ପରାମର୍ଶ ଦେଇଛି ।

---

# ଇନ୍ଦୋର ଫାୟାର ଆକ୍ସିଡେଣ୍ଟ

ମଧ୍ୟପ୍ରଦେଶର ଇନ୍ଦୋରରେ ଆଜି ଏକ ୩ ମହଲା କୋଠାରେ ଅଗ୍ନିକାଣ୍ଡ ଯୋଗୁଁ ୭ ଜଣଙ୍କର ମୃତ୍ୟୁ ହୋଇଛି । ବଙ୍ଗାଳି ସ୍କୋୟାର ନିକଟରେ ଭୋର୍ ୪ଟା ସମୟରେ ଏକ ୩ ମହଲା କୋଠାରେ ଚାର୍ଜ ହେଉଥିବା ଇଲେକ୍‌ଟ୍ରିକ୍ କାର୍‌ରେ ସର୍ଟ ସର୍କିଟ୍ ହେବାରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ଅନୁସନ୍ଧାନରୁ

ଜଣାପଡ଼ିଛି । ଅଗ୍ନିକାଣ୍ଡ ଯୋଗୁଁ ସେଠାରେ ବଡ଼ଧରଣର ବିସ୍ଫୋରଣ ହୋଇଥିଲା । ଫଳରେ କୋଠାର ଗୋଟିଏ ଅଂଶ ମଧ୍ୟ ଭୁଶୁଡ଼ି ପଡ଼ିଛି । ଗୋଟିଏ ପରିବାରର ୭ ଜଣ ସଦସ୍ୟଙ୍କର ମୃତ୍ୟୁ ହେବା ସହ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ଘଟଣାର ତଦନ୍ତ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯିବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି ।

## ଦିଲ୍ଲୀ ଫାୟାର

ଦିଲ୍ଲୀର ପାଲମ ଅଞ୍ଚଳରେ ମଧ୍ୟ ଏକ ବହୁମହଲା ବିଶିଷ୍ଟ କୋଠାରେ ଅଗ୍ନିକାଣ୍ଡ ଘଟିବାରୁ ୭ ଜଣଙ୍କର ମୃତ୍ୟୁ ହୋଇଛି । ଦିଲ୍ଲୀ ଅଗ୍ନିଶମ ସେବା ବାହିନୀ ପକ୍ଷରୁ ନିଆଁକୁ ଆୟତ୍ତ କରିବା ପାଇଁ ୩୧ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କହିଛନ୍ତି, ଜିଲ୍ଲା ପ୍ରଶାସନ, ଦିଲ୍ଲୀ ଅଗ୍ନିଶମ ସେବା ବିଭାଗ ଏବଂ ଦିଲ୍ଲୀ ପୋଲିସ୍ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଅଗ୍ନିକାଣ୍ଡ ଘଟଣାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ଏଲ୍ଏସ୍- ଗ୍ରାଣ୍ଟ

ଲୋକସଭାରେ ଆଜି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟର ଅନୁଦାନ ଦାବି ଉପରେ ଅଲୋଚନା ହୋଇଛି । ଆଲୋଚନା ଆରମ୍ଭ କରି କଂଗ୍ରେସ ସଦସ୍ୟ ଅମରେନ୍ଦ୍ର ସିଂ ରାଜାଓ୍ୱାରିଂ କହିଛନ୍ତି, ଚାଷୀମାନେ ଖାଦ୍ୟ ଶସ୍ୟ ଉତ୍ପାଦନ ସହିତ ଦେଶର ଅର୍ଥନୀତି ଓ ଖାଦ୍ୟ ସୁରକ୍ଷାର ଏକ ମଜବୁତ ସ୍ତମ୍ଭ ଅଟନ୍ତି । ଉତ୍ପାଦ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ନିଶ୍ଚିତ କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି । ଆଲୋଚନାରେ ଭାଗ ନେଇ ବିଜେପିର କୋଣ୍ଡା ବିଶେଶ୍ୱର ରେଡ୍ଡୀ

କହିଛନ୍ତି, କୃଷି ହେଉଛି ଦେଶର ସ୍ଥିରତା ଏବଂ ସାଂସ୍କୃତିକ ପରିଚୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କୃଷିକ୍ଷେତ୍ର ଅଭିବୃଦ୍ଧି ହାସଲ କରିବା ସହ ଜୈବିକ କୃଷିକୁ ପ୍ରୋତ୍ସାହନ ପ୍ରଦାନ କରାଯାଉଛି । କୃଷି ମନ୍ତ୍ରଣାଳୟ ବଜେଟ୍ ଏବେ ୧ଲକ୍ଷ ୪୦ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଥିବା ସେ କହିଛନ୍ତି । ଗୃହରେ ଏ ସଂକ୍ରାନ୍ତ ଆଲୋଚନା ଜାରି ରହିଛି ।

## ଏଲ୍‌ଏସ୍-କଞ୍ଜୁମର

ଇ-କମର୍ସ କ୍ଷେତ୍ରରେ ଉପଭୋକ୍ତାଙ୍କ ଅଧିକାରର ଉଲ୍ଲଂଘନ ଏବଂ ଅନୁଚିତ ବାଣିଜ୍ୟ କାରବାର ପାଇଁ କେତେକ ସଂସ୍ଥା ବିରୁଦ୍ଧରେ କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ-ସିସିପିଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଲୋକସଭାରେ ଆଜି ଏ ସଂପର୍କିତ ପ୍ରଶ୍ନର ଉତ୍ତର ଦେଇ ଉପଭୋକ୍ତା ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ  କହିଛନ୍ତି ୨୦୨୦ ପରଠାରୁ ଅଧିକାର ଉଲ୍ଲଂଘନ ସଂକ୍ରାନ୍ତ ପଦକ୍ଷେପ ନେଇ ଇ-କମର୍ସ ସଂସ୍ଥାଗୁଡ଼ିକୁ ୯୯୭ଟି ନୋଟିସ୍ ଜାରି କରାଯାଇଛି । କେନ୍ଦ୍ରୀୟ ଉପଭୋକ୍ତା ସୁରକ୍ଷା ପ୍ରାଧିକରଣ ଦ୍ୱାରା କାର୍ଯ୍ୟାନୁଷ୍ଠାନ ପରେ ଅନେକ ଇ-କମର୍ସ ସଂସ୍ଥା ସେମାନଙ୍କର ଅଭିଯୋଗ ସମାଧାନ ପଦକ୍ଷେପକୁ ଅଧିକ ସୁଦୃଢ଼ କରିଛନ୍ତି । ଏ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଉପଭୋକ୍ତାଙ୍କୁ ୧ ହଜାର ୪୪୦ କୋଟି ଟଙ୍କା ଫେରସ୍ତ କରାଯାଇଛି ବୋଲି ସେ ଗୃହରେ ସୂଚନା ଦେଇଛନ୍ତି ।

## ଏମ୍‌ସିଡିସି-ହିଟ୍‌ୱେଭ୍

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର-ଏମ୍‌ସିଡିସି ନାଗରିକଙ୍କ ପାଇଁ ଏକ ପରାମର୍ଶବଳୀ ଜାରି କରିଛି । ପ୍ରଚୁର ପାଣି ପିଇବା ଏବଂ ଅତ୍ୟଧିକ ଗରମ ସମୟରେ ଭାରି କାମ ନ କରିବାକୁ ପରାମର୍ଶ

ଦିଆଯାଇଛି । ଅଂଶୁଘାତ ପୀଡ଼ିତ ବ୍ୟକ୍ତିଙ୍କୁ ପ୍ରାଥମିକ ଚିକିତ୍ସା ପ୍ରଦାନ ବେଳେ ଏକ ଥଣ୍ଡା ସ୍ଥାନରେ ଶୋଇରହିବାକୁ କୁହାଯାଇଛି ।

--------------------------------------------------------------------------------